# ଅଣଦେଖାରୁ ଚରମ ପଦକ୍ଷେପ

**ଭୁବନେଶ୍ୱର,୨୨।୩(ବ୍ୟୁରୋ)**

ଲୋକପ୍ରିୟ ଡିଜେ ଆଜେକ୍ସ ଓରଫ ଅକ୍ଷୟ କୁମାର ମହାରଣାଙ୍କ ଆତ୍ମହତ୍ୟା ଘଟଣାକୁ ବୁଧବାର ୫ଦିନ ବିତିଥିଲେ ମଧ୍ୟ ମାମଲାକୁ ନେଇ ରହସ୍ୟ ଲାଗିରହିଛି। ପ୍ରଥମେ ତ୍ରିକୋଣୀୟ ପ୍ରେମ କାରଣରୁ ଅକ୍ଷୟ ଆତ୍ମହତ୍ୟା କରିଥିଲେ ବୋଲି ଅଭିଯୋଗ ହେଉଥିଲା। ହେଲେ ଏବେ ମାମଲାର ଭିନ୍ନ ଏକ ଦିଗ ସାମ୍ନାକୁ ଆସିଛି। ଆତ୍ମହତ୍ୟା କରିବା ପୂର୍ବରୁ ବାନ୍ଧବୀ ଜିଜ୍ଞାସାଙ୍କୁ ମେଲ୍ ଯୋଗେ ପଠାଯାଇଥିବା ଭଏସ୍ ନୋଟ୍ ଓ ମେସେଜ୍ ଏବେ ଭାଇରାଲ ହେଉଛି। ଜିଜ୍ଞାସାଙ୍କ ଅଣଦେଖାରୁ ଆଜେକ୍ସ ଆତ୍ମହତ୍ୟା କରିଥିଲେ ବୋଲି କୁହାଯାଉଛି। ଆଜେକ୍ସ ଆତ୍ମହତ୍ୟା କରିବା ପୂର୍ବରୁ ତାଙ୍କ କମ୍ପ୍ୟୁଟରରୁ ମେଲ୍ ଯୋଗେ କିଛି ଫଟୋ ସହ ଲେଖା ଓ ଭଏସ୍ ନୋଟ୍ ପଠାଇଥିଲେ। ହେଲେ ସେଗୁଡ଼ିକୁ ଆଜେକ୍ସ ଅଟୋସେଟ୍ କରିଥିବାରୁ ୨୦ତାରିଖରେ ବାନ୍ଧବୀଙ୍କ ପାଖରେ ପହଞ୍ଚିଥିଲା।

ତେବେ ଏକ ଭଏସ୍ ନୋଟ୍‌ରେ ଆଜେକ୍ସ କହିଥିଲେ, ଜିଜ୍ଞାସା ମୁଁ ତୁମକୁ ହିଁ ଭଲପାଏ। ହେଲେ ମେଣ୍ଟାଲ୍ ପିସ୍ ପାଇଁ ଅନ୍ୟ କାହା ସହିତ ଗପୁଥିଲି। ଠିକ୍ ଯେମିତି ତୁମେ ତମ ପିସ୍ ପାଇଁ ରଶ୍ମି ସହ ଗପୁଛ। ହେଲେ ଜିଜ୍ଞାସାଙ୍କୁ ସେ ସତରେ ଭଲ ପାଉଥିଲେ ବୋଲି ଆଜେକ୍ସ ଭଏସ୍ ନୋଟ୍‌ରେ କହୁଛନ୍ତି। ସେହିପରି ବାନ୍ଧବୀଙ୍କୁ ଏକ ଫଟୋ ପଠାଇ ଆଜେକ୍ସ ଲେଖିଥିଲେ, ମୋ ସାଙ୍ଗରେ ତ ଏମିତି କେବେ ଷ୍ଟାଟସ୍ ଦେଲନି। ଏଇଟା ମୋତେ କଷ୍ଟ ହଉଛି, ସପ୍ତାହ ହେଲାଣି ମୁଁ ଶୋଇ ପାରୁନି। ସ୍ଲିପିଂ ଟାବଲେଟ୍ ଖାଉଚି, ମାନସିକ ଚାପରେ ଅଛି। ମୁଁ ଏବେ ଯାଉଛି, ତୁମେ ଖୁସିରେ ରୁହ। ମୁଁ ହାରିଗଲି, ମରିଯାଉଛି। ଯେତେବେଳେ ଝଗଡ଼ା ହୁଏ, ତମେ ମତେ କୁହ ଭୂତ ହୋଇଯାଅ, ଏବେ ସବୁଦିନ ପାଇଁ ଭୂତ ହୋଇଯାଉଛି। ବହୁ ଦୂରକୁ ଯାଉଛି। ତେବେ ବାନ୍ଧବୀଙ୍କ ପାଖକୁ ଅକ୍ଷୟ ପଠାଇଥିବା ଏଭଳି ଏକାଧିକ କୋହଭରା ଭଏସ୍ ନୋଟ୍ ଭାଇରାଲ ହେବା ପରେ ଅଧିକ ଚର୍ଚ୍ଚା ସୃଷ୍ଟି ହେଉଛି। ବାନ୍ଧବୀ ଦେଇଥିବା କଳା ଶାର୍ଟକୁ ଅକ୍ଷୟ ଆତ୍ମହତ୍ୟା ପୂର୍ବରୁ ପିନ୍ଧିଥିଲେ।



**ଡିଜେ ଆଜେକ୍ସ ଆତ୍ମହତ୍ୟା ଘଟଣା**

- ଭାଇରାଲ ହେଉଛି କୋହଭରା ଏକାଧିକ ଭଏସ୍ ନୋଟ୍
- ବାନ୍ଧବୀ ଦେଇଥିବା କଳା ଶାର୍ଟକୁ ପିନ୍ଧି ଆତ୍ମହତ୍ୟା କରିଥିଲେ ଆଜେକ୍ସ

ଉକ୍ତ ଫଟୋକୁ ସେ ମେଲ୍ ଯୋଗେ ମଧ୍ୟ ପଠାଇଥିଲେ। ଘଟଣାକୁ ନେଇ ଆଜେକ୍ସଙ୍କ ମା' ଲକ୍ଷ୍ମୀପ୍ରିୟା ମହାରଣା କହିଛନ୍ତି, ମୋ ପୁଅ ନ୍ୟାୟ ପାଉ। ସେ ଝିଅକୁ ଆଉ ପୁଅକୁ ଏମିତି ଦଣ୍ଡ ଦିଅନ୍ତୁ, ଯେମିତି କୌଣସି ପୁଅ ଓ ଝିଅ ଏମିତି ନ ହୁଅନ୍ତୁ। ଆତ୍ମହତ୍ୟା କେହି ନ କରନ୍ତୁ। ମୋ ଭଳିଆ କେହି ନ କାନ୍ଦନ୍ତୁ ବୋଲି ଲକ୍ଷ୍ମୀପ୍ରିୟା କହିଛନ୍ତି। ତଦନ୍ତ ଦିଗକୁ ନେଇ ଥାନାଧିକାରୀ ରଜନୀକାନ୍ତ ପ୍ରଧାନ କହିଛନ୍ତି, ଆଜେକ୍ସଙ୍କ ବାନ୍ଧବୀ ଜିଜ୍ଞାସା ଓ ତାଙ୍କ ନୂଆ ପୁରୁଷ ବନ୍ଧୁଙ୍କ ନାମରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ଆଇପିସି ଦଫା ୩୦୬ରେ ଏକ ମାମଲା (ନଂ.୧୨୧/୨୦୨୩) ରୁଜୁ କରି ତଦନ୍ତ ଜାରି ରହିଛି। ଆଜେକ୍ସଙ୍କ ବାନ୍ଧବୀଙ୍କୁ ଜେରା ସମୟରେ ମିଳିଥିବା ତଥ୍ୟ ଓ ସିଡିଆର୍ ଏବଂ ଭଏସ୍ ନୋଟ ଆଦିକୁ ଯାଞ୍ଚ କରାଯାଉଛି। ତେବେ ଏପର୍ଯ୍ୟନ୍ତ ମାମଲାରେ ଆଜେକ୍ସଙ୍କୁ ବ୍ଲାକ୍‌ମେଲ୍ କରାଯାଇଥିବା ପ୍ରମାଣ ମିଳିନାହିଁ। ଆବଶ୍ୟକ ପଡ଼ିଲେ ବାନ୍ଧବୀଙ୍କ ପୁରୁଷବନ୍ଧୁଙ୍କୁ ପଚରାଉଚରା ହୋଇପାରେ ବୋଲି ସେ କହିଛନ୍ତି।

## ଏସ୍‌ସି-ଏସ୍‌ଟି କୋର୍ଟଙ୍କ ରାୟ: ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**କଟକ ଅଫିସ,୨୨।୩:** କଟକ ଜିଲା ଏସ୍‌ସି-ଏସ୍‌ଟି କୋର୍ଟ ବୁଧବାର ଏକ ହତ୍ୟା ମାମଲାର ଶୁଣାଣି କରି ଅଭିଯୁକ୍ତ ବନମାଳୀ ପାତ୍ରଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ପାଇଁ ରାୟ ଦେଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨୦୧୮ରେ ବନମାଳୀ କଟକ ଜିଲା ଗୋବିନ୍ଦପୁର ଥାନା ଗୋପାଳପୁରର ବିଘ୍ନେଶ୍ୱର ଭୋଇଙ୍କୁ ହତ୍ୟା କରିଥିଲେ। ଅଭିଯୋଗ ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ୨୩ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣକୁ ଆଧାର କରି ଅଦାଲତ ବନମାଳୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

# କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ

**ବିଏସ୍‌କେୱାଇର ଲୋକପ୍ରିୟତା ବଢୁଛି**

**ଭୁବନେଶ୍ୱର, ୨୨।୩(ବ୍ୟୁରୋ)**

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଦ୍ରୁତ ପ୍ରସାର ଓ ଲୋକପ୍ରିୟତାକୁ ଲକ୍ଷ୍ୟ କରି ଏହାର ଉଚିତ୍ କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ଉପରେ ସରକାର ଗୁରୁତ୍ୱାରୋପ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ଇତିମଧ୍ୟରେ ଯୋଜନାର କ୍ଷେତ୍ରସ୍ତରୀୟ ରୂପାୟନ ସମ୍ବନ୍ଧିତ ବିଷୟ ସମୀକ୍ଷା କରି କହିଛନ୍ତି, ଅନୁବନ୍ଧିତ ହସ୍ପିଟାଲ୍‌ଗୁଡ଼ିକର ଅଧିକାରୀ ଜିଲା ସଂଯୋଜକ ଓ ସ୍ୱାସ୍ଥ୍ୟମିତ୍ର ଆଦି ତୃଣମୂଳସ୍ତରୀୟ ଅଧିକାରୀଙ୍କ ନିମନ୍ତେ ନିୟମିତ ତାଲିମ ଏବଂ ଅନୁପ୍ରେରଣା ଶିବିରମାନ ଆୟୋଜନ କରିବା ପାଇଁ ରାଜ୍ୟସ୍ତରୀୟ ଟିମ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟସେବା ପ୍ରତିଶ୍ରୁତି ସୋସାଇଟି ସଭାଗୃହଠାରେ ବୁଧବାର ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡି. ବୃନ୍ଦା ଯୋଜନା କାର୍ଯ୍ୟାନ୍ୱୟନର ପ୍ରଶାସନିକ ଓ ବୈଷୟିକ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଛନ୍ତି।

ଜିଲାସ୍ତରରେ ଜିଲା ସଂଯୋଜକ କାର୍ଯ୍ୟାଳୟଗୁଡ଼ିକୁ ଅଧିକ ଦୃଢୀଭୂତ କରିବା ପାଇଁ ଶାସନ ସଚିବ ପଣ୍ଡିତ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ସେମାନଙ୍କୁ ଆବଶ୍ୟକ ଭିତ୍ତିଭୂମି, କମ୍ପ୍ୟୁଟର, ଇଣ୍ଟରନେଟ୍ ସୁବିଧା ଆଦି ଯୋଗାଇ ଦିଆଯିବ। ସ୍ୱାସ୍ଥ୍ୟମିତ୍ର ଏବଂ ଜିଲା ସଂଯୋଜକମାନଙ୍କ ଦକ୍ଷତା ବୃଦ୍ଧି କରାଗଲେ ତୃଣମୂଳସ୍ତରରେ ଲୋକଙ୍କୁ ବାସ୍ତବ ସହାୟତା ଯୋଗାଯାଇପାରିବ। ଇତିମଧ୍ୟରେ ବିଏସ୍‌କେୱାଇରେ ଉଚ୍ଚ ଗୁଣାତ୍ମକମାନର ଚିକିତ୍ସା ନିମନ୍ତେ ବର୍ତ୍ତମାନ ସୁଦ୍ଧା ଉଭୟ ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରର ଥିବା ୬୨୬ଟି ସୁପର ସ୍ପେଶାଲିଟି ଘରୋଇ ହସ୍ପିଟାଲ୍‌କୁ ଅନୁବନ୍ଧିତ କରାଯାଇଛି।

## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ, ୨୨।୩:** ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ମହାଧରପଡା ଗାଁରେ ବୁଧବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗଣେଶ୍ୱର ବେହେରା(୭୭)। ସେ ବାଡ଼ି ପାର୍ଶ୍ୱକୁ ଯାଇଥିବାବେଳେ ଶାଗୁଆନ ବଣରେ ଲୁଚି ରହିଥିବା ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ଗଣେଶ୍ୱରଙ୍କ ମୃତ୍ୟୁ ହୋଇଯାଇଥିଲା। ବନ୍ତଳା ରେଞ୍ଜର ନୀଳାଦ୍ରିନାଥ ସାହୁଙ୍କ ସହ କର୍ମଚାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଆଶ୍ୱାସନା ଦେଇଥିଲେ। ପ୍ରକାଶ ଯେ, ଅନୁଗୋଳ ରେଞ୍ଜରୁ ବନ୍ତଳା ରେଞ୍ଜକୁ ଚାଲି ଆସିଥିବା ଉକ୍ତ ଦନ୍ତା ହାତୀ ମହାଧରପଡ଼ା ଅଞ୍ଚଳରେ ରହିଥିଲା। ମଧ୍ୟାହ୍ନ ସମୟରେ ଗଣେଶ୍ୱର କୌଣସି କାର୍ଯ୍ୟରେ ବାଡ଼ି ପାର୍ଶ୍ୱକୁ ଯାଇଥିବାବେଳେ ହାତୀଟି ତାଙ୍କୁ ଆକ୍ରମଣ କରିଥିଲା। ସନ୍ଧ୍ୟାରେ ହାତୀ ଗ୍ରାମରେ ଚଳପ୍ରଚଳ କରୁଥିବା ନେଇ ସ୍ଥାନୀୟ ଲୋକମାନେ ବନ ବିଭାଗକୁ ଖବର ଦେବା ପରେ ହାତୀକୁ ଖୋଜିବା ପାଇଁ ଏକ ଟିମ୍ ସେଠାରେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ତେବେ ବନ୍ତଳା ରେଞ୍ଜରେ ବାରମ୍ବାର ହାତୀ ମଣିଷ ଲଢ଼େଇ ଯୋଗୁ ଲୋକଙ୍କ ଜୀବନହାନି ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବନ୍ତଳା ରେଞ୍ଜର ନୀଳାଦ୍ରିନାଥ ସାହୁ କହିଛନ୍ତି, ହାତୀ ବାହାରିଲେ ଲୋକମାନେ ତାକୁ ବାଟବଣା କରିଦେଉଛନ୍ତି। ସେହିପରି ଦେଖଣାହାରୀ ଭିଡ଼ କରୁଛନ୍ତି। କେତେବେଳେ ସେଲ୍‌ଫି ନେବାକୁ ହାତୀ ପାଖକୁ ଚାଲିଯାଉଛନ୍ତି। ତେଣୁ ହାତୀ ତାର ସ୍ୱଭାବରେ ପରିବର୍ତ୍ତନ କରି ହିଂସ୍ର ହୋଇ ଲୋକଙ୍କୁ ଆକ୍ରମଣ କରୁଛି।


**ପାର୍କିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ କାଟାଲଗ୍ ନଂ.: ପାର୍କ-କେଜିପି-୨୩-୦୭ ତାରିଖ: ୨୧।୦୩।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନ, ୩ (ତିନି) ବର୍ଷ ଅବଧି ପାଇଁ ଏଲ୍‌ଏକ୍ସଡି, ବିଟିକ୍ୟୁ, ଏଚ୍‌ଏଲ୍‌ଜେଡ୍, କେପିଆର୍ ଏବଂ ବିଏସ୍‌ବିପିଠାରେ ଦୁଇଚକିଆ ପାର୍କିଂ ନିମନ୍ତେ ୫ (ପାଞ୍ଚ) ଗୋଟି ପାର୍କିଂ ଲଟ୍ ଏବଂ ଡିଜିଏଚ୍‌ଏ ଓ କିଟିଏସ୍ ରେଳ ଷ୍ଟେଶନ ପରିସରରେ ମିଶ୍ରିତ ପାର୍କିଂ ଲାଗି ୨ (ଦୁଇ) ଗୋଟି ପାର୍କିଂ ଲଟ୍ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ୱେବ୍‌ସାଇଟ୍ https://www.ireps.gov.inରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ଲଟ୍ ସଂଖ୍ୟା | ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|---|
| ଦୁଇଚକିଆ ପାଇଁ ପାର୍କିଂ ଲଟ୍ | ପାର୍କ-କେଜିପି-୨୩-୦୭ | ୦୭ | ୦୬।୦୪।୨୩ | ୧୧.୧୫ ଘଟିକା | ୧୨.୪୫ ଘଟିକା |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1215) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବା କରୁ



**ପୂର୍ବ ତଟ ରେଳପଥ**

**59 SLRs ଏବଂ 10 VPs କୁ ଲିଜ୍ ରେ ଦେବା ପାଇଁ ଇ-ନିଲାମ**

(କ) VPs ର ବିବରଣୀ : (ରାଉଣ୍ଡ ଟ୍ରିପ୍ ର ଆଧାରରେ)

| କ୍ର. | ଟ୍ରେନ୍ ନଂ. ଏବଂ ଟନ୍ ରେ ବହନ କ୍ଷମତା | ଠାରୁ ପର୍ଯ୍ୟନ୍ତ | ସାମନା/ ପଛ | ଲଟ୍ ସମାପ୍ତି ତାରିଖ ଓ ସମୟ |
|---|---|---|---|---|
| 1 | 18463/18464, 24 ଟନ୍ | ଭୁବନେଶ୍ୱର-ବେଙ୍ଗାଲୁରୁ | VP | 29.03.2023,1130 ଘଟିକା |
| 2 | 22866/22865, 24 ଟନ୍ | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ | VP | 29.03.2023,1140 ଘଟିକା |
| 3 | 12898/12897, 24 ଟନ୍ | ଭୁବନେଶ୍ୱର - ପୁଡୁଚେରୀ | VP | 29.03.2023,1150 ଘଟିକା |
| 4 | 12880/12879, 24 ଟନ୍ | ଭୁବନେଶ୍ୱର-ଲୋକମାନ୍ୟ ତିଲକ ଟର୍ମିନସ | VP | 29.03.2023,1200 ଘଟିକା |
| 5 | 12843/12844, 24 ଟନ୍ | ପୁରୀ-ଅହମଦାବାଦ | VP | 29.03.2023,1210 ଘଟିକା |
| 6 | 12146/12145, 24 ଟନ୍ | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ | VP | 29.03.2023,1220 ଘଟିକା |
| 7 | 18477/18478, 23 ଟନ୍ | ପୁରୀ-ଯୋଗ ନଗରୀ ହୃଷିକେଶ | VP | 29.03.2023,1230 ଘଟିକା |
| 8 | 12830/12829, 24 ଟନ୍ | ଭୁବନେଶ୍ୱର-ଚେନ୍ନାଇ ସେଣ୍ଟ୍ରାଲ | VP | 29.03.2023,1240 ଘଟିକା |
| 9 | 22805/22806, 24 ଟନ୍ | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନସ | VP | 29.03.2023,1250 ଘଟିକା |
| 10 | 12815/12816, 24 ଟନ୍ | ପୁରୀ-ଆନନ୍ଦ ବିହାର ଟର୍ମିନସ | VP | 29.03.2023,1300 ଘଟିକା |

ଲଟ୍ ଆରମ୍ଭ ତାରିଖ ଓ ସମୟ : 29.03.2023, 1100 ଘଟିକା (କ୍ରମ ସଂ. 1 ରୁ 10 ପାଇଁ), ସର୍ବନିମ୍ନ ବୃଦ୍ଧି: 0.20% (କ୍ରମ ସଂ. 1 ରୁ 10 ପାଇଁ), ଲଟ୍ ସ୍ଥିତି : ଡ୍ରାଫ୍ଟ କ୍ୟାଟାଲଗରେ ନୂଆ (କ୍ରମ ସଂ. 1 ରୁ 10 ପାଇଁ) ।

(ଖ) SLRs ର ବିବରଣୀ :

| କ୍ର. | ଟ୍ରେନ୍ ନଂ. ଏବଂ ଟନ୍ ରେ ବହନ କ୍ଷମତା | ଠାରୁ ପର୍ଯ୍ୟନ୍ତ | ସାମନା/ ପଛ | ଲଟ୍ ସମାପ୍ତି ତାରିଖ ଓ ସମୟ |
|---|---|---|---|---|
| 1 | 22882, 3.9 ଟନ୍ | ଭୁବନେଶ୍ୱର-ପୁନେ | R-1 | 05.04.2023,1130 ଘଟିକା |
| 2 | 20861, 3.9 ଟନ୍ | ପୁରୀ-ଅହମଦାବାଦ | R-1 | 05.04.2023,1140 ଘଟିକା |
| 3 | 22974, 3.9 ଟନ୍ | ପୁରୀ-ଗାନ୍ଧୀଧାମ | F-1 | 05.04.2023,1150 ଘଟିକା |
| 4 | 22910, 3.9 ଟନ୍ | ପୁରୀ-ଭଲସାଡ୍ | R-1 | 05.04.2023,1200 ଘଟିକା |
| 5 | 12898, 3.9 ଟନ୍ | ଭୁବନେଶ୍ୱର-ପୁଡୁଚେରୀ | F-1 | 05.04.2023,1210 ଘଟିକା |
| 6 | 18419, 3.9 ଟନ୍ | ପୁରୀ-ଜୟନଗର | R-1 | 05.04.2023,1220 ଘଟିକା |
| 7 | 12281, 3.9 ଟନ୍ | ଭୁବନେଶ୍ୱର-ନୂଆ ଦିଲ୍ଲୀ | R-1 | 05.04.2023,1230 ଘଟିକା |
| 8 | 18449, 3.9 ଟନ୍ | ପୁରୀ-ପାଟନା | R-1 | 05.04.2023,1240 ଘଟିକା |
| 9 | 22827, 3.9 ଟନ୍ | ପୁରୀ-ସୁରଟ | R-1 | 05.04.2023,1250 ଘଟିକା |
| 10 | 12146, 3.9 ଟନ୍ | ପୁରୀ-ଲୋକମାନ୍ୟ ତିଲକ ଟର୍ମିନସ | R-1 | 05.04.2023,1300 ଘଟିକା |
| 11 | 12845, 3.9 ଟନ୍ | ଭୁବନେଶ୍ୱର-ବେଙ୍ଗାଲୁରୁ କେଣ୍ଟ | F-1 | 05.04.2023,1310 ଘଟିକା |
| 12 | 20817, 3.9 ଟନ୍ | ଭୁବନେଶ୍ୱର-ନୂଆ ଦିଲ୍ଲୀ | F-1 | 05.04.2023,1320 ଘଟିକା |
| 13 | 17479, 4 ଟନ୍ | ପୁରୀ-ତିରୁପତୀ | F-1 | 05.04.2023,1330 ଘଟିକା |
| 14 | 17479, 4 ଟନ୍ | ପୁରୀ-ତିରୁପତୀ | R-1 | 05.04.2023,1340 ଘଟିକା |
| 15 | 20472, 3.9 ଟନ୍ | ପୁରୀ-ବିକାନେର | R-1 | 05.04.2023,1350 ଘଟିକା |
| 16 | 22833, 3.9 ଟନ୍ | ଭୁବନେଶ୍ୱର-କ୍ରିଷ୍ଣାରାଜପୁରମ | F-1 | 05.04.2023,1400 ଘଟିକା |
| 17 | 12994, 3.9 ଟନ୍ | ପୁରୀ-ଗାନ୍ଧୀଧାମ | F-1 | 05.04.2023,1410 ଘଟିକା |
| 18 | 22871, 3.9 ଟନ୍ | ଭୁବନେଶ୍ୱର-ତିରୁପତୀ | F-1 | 05.04.2023,1420 ଘଟିକା |
| 19 | 20819, 3.9 ଟନ୍ | ପୁରୀ-ଓଖା | F-1 | 05.04.2023,1430 ଘଟିକା |
| 20 | 22836, 3.9 ଟନ୍ | ପୁରୀ-ଶାଲିମାର | F-1 | 05.04.2023,1440 ଘଟିକା |
| 21 | 22879, 3.9 ଟନ୍ | ଭୁବନେଶ୍ୱର-ତିରୁପତୀ | F-1 | 05.04.2023,1450 ଘଟିକା |
| 22 | 12888, 3.9 ଟନ୍ | ପୁରୀ-ଶାଲିମାର | F-1 | 05.04.2023,1500 ଘଟିକା |
| 23 | 20918, 3.9 ଟନ୍ | ପୁରୀ-ଇନ୍ଦୋର | F-1 | 05.04.2023,1510 ଘଟିକା |
| 24 | 20896, 3.9 ଟନ୍ | ଭୁବନେଶ୍ୱର-ରାମେଶ୍ୱରମ | F-1 | 05.04.2023,1520 ଘଟିକା |
| 25 | 18447, 3.9 ଟନ୍ | ଭୁବନେଶ୍ୱର-ଜଗଦଲପୁର | F-1 | 05.04.2023,1530 ଘଟିକା |
| 26 | 12822, 3.9 ଟନ୍ | ପୁରୀ-ଶାଲିମାର | F-1 | 05.04.2023,1540 ଘଟିକା |
| 27 | 22840, 3.9 ଟନ୍ | ଭୁବନେଶ୍ୱର-ରାଉରକେଲା | F-1 | 05.04.2023,1550 ଘଟିକା |
| 28 | 18417, 4 ଟନ୍ | ପୁରୀ-ଗୁଣୁପୁର | F-1 | 05.04.2023,1600 ଘଟିକା |
| 29 | 18417, 4 ଟନ୍ | ପୁରୀ-ଗୁଣୁପୁର | R-1 | 05.04.2023,1610 ଘଟିକା |
| 30 | 12880, 3.9 ଟନ୍ | ଭୁବନେଶ୍ୱର-ଲୋକମାନ୍ୟ ତିଲକ ଟର୍ମିନସ | R-1 | 06.04.2023,1100 ଘଟିକା |
| 31 | 22811, 3.9 ଟନ୍ | ଭୁବନେଶ୍ୱର-ନୂଆ ଦିଲ୍ଲୀ | F-1 | 06.04.2023,1110 ଘଟିକା |
| 32 | 22202, 3.9 ଟନ୍ | ପୁରୀ-ସିଆଲଦହ | F-1 | 06.04.2023,1120 ଘଟିକା |
| 33 | 22805, 3.9 ଟନ୍ | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନସ | F-1 | 06.04.2023,1130 ଘଟିକା |
| 34 | 22823, 3.9 ଟନ୍ | ଭୁବନେଶ୍ୱର-ନୂଆ ଦିଲ୍ଲୀ | F-1 | 06.04.2023,1140 ଘଟିକା |
| 35 | 20837, 4 ଟନ୍ | ଭୁବନେଶ୍ୱର-ଜୁନାଗଡ଼ ରୋଡ଼ | F-1 | 06.04.2023,1150 ଘଟିକା |
| 36 | 20837, 4 ଟନ୍ | ଭୁବନେଶ୍ୱର-ଜୁନାଗଡ଼ ରୋଡ଼ | R-1 | 06.04.2023,1200 ଘଟିକା |
| 37 | 12819, 3.9 ଟନ୍ | ଭୁବନେଶ୍ୱର-ଆନନ୍ଦ ବିହାର ଟର୍ମିନସ | F-1 | 06.04.2023,1210 ଘଟିକା |
| 38 | 22819, 4 ଟନ୍ | ଭୁବନେଶ୍ୱର-ବିଶାଖାପାଟଣା | R-1 | 06.04.2023,1220 ଘଟିକା |
| 39 | 22819, 4 ଟନ୍ | ଭୁବନେଶ୍ୱର-ବିଶାଖାପାଟଣା | F-2 | 06.04.2023,1230 ଘଟିକା |
| 40 | 12815, 3.9 ଟନ୍ | ପୁରୀ-ଆନନ୍ଦ ବିହାର ଟର୍ମିନସ | F-1 | 06.04.2023,1240 ଘଟିକା |
| 41 | 18452, 3.9 ଟନ୍ | ପୁରୀ-ହଟିଆ | R-1 | 06.04.2023,1250 ଘଟିକା |
| 42 | 18126, 4 ଟନ୍ | ପୁରୀ-ରାଉରକେଲା | F-1 | 06.04.2023,1300 ଘଟିକା |
| 43 | 18126, 4 ଟନ୍ | ପୁରୀ-ରାଉରକେଲା | R-1 | 06.04.2023,1310 ଘଟିକା |
| 44 | 18410, 4 ଟନ୍ | ପୁରୀ-ଶାଲିମାର | F-1 | 06.04.2023,1320 ଘଟିକା |
| 45 | 18410, 4 ଟନ୍ | ପୁରୀ-ଶାଲିମାର | R-1 | 06.04.2023,1330 ଘଟିକା |
| 46 | 12875, 3.9 ଟନ୍ | ପୁରୀ-ଆନନ୍ଦ ବିହାର ଟର୍ମିନସ | F-1 | 06.04.2023,1340 ଘଟିକା |
| 47 | 12843, 3.9 ଟନ୍ | ପୁରୀ-ଅହମଦାବାଦ | F-1 | 06.04.2023,1350 ଘଟିକା |
| 48 | 12801, 3.9 ଟନ୍ | ପୁରୀ-ନୂଆ ଦିଲ୍ଲୀ | F-1 | 06.04.2023,1400 ଘଟିକା |
| 49 | 12896, 3.9 ଟନ୍ | ପୁରୀ-ଶାଲିମାର | F-1 | 06.04.2023,1410 ଘଟିକା |
| 50 | 18477, 4 ଟନ୍ | ପୁରୀ-ଯୋଗ ନଗରୀ ହୃଷିକେଶ | F-1 | 06.04.2023,1420 ଘଟିକା |
| 51 | 18477, 4 ଟନ୍ | ପୁରୀ-ଯୋଗ ନଗରୀ ହୃଷିକେଶ | R-1 | 06.04.2023,1430 ଘଟିକା |
| 52 | 20823, 3.9 ଟନ୍ | ପୁରୀ-ଆଜମେର | R-1 | 06.04.2023,1440 ଘଟିକା |
| 53 | 18304, 4 ଟନ୍ | ପୁରୀ-ସମ୍ବଲପୁର | F-1 | 06.04.2023,1450 ଘଟିକା |
| 54 | 18022, 4 ଟନ୍ | ଖୋର୍ଦ୍ଧା ରୋଡ଼-ଖଡ଼ଗପୁର | F-1 | 06.04.2023,1500 ଘଟିକା |
| 55 | 20857, 3.9 ଟନ୍ | ପୁରୀ-ସାଇନଗର ଶିର୍ଡ଼ୀ | F-1 | 06.04.2023,1510 ଘଟିକା |
| 56 | 22890, 3.9 ଟନ୍ | ପୁରୀ-ଦୀଘା | F-1 | 06.04.2023,1520 ଘଟିକା |
| 57 | 12074, 3.9 ଟନ୍ | ଭୁବନେଶ୍ୱର-ହାଓଡ଼ା | F-1 | 06.04.2023,1530 ଘଟିକା |
| 58 | 11020, 3.9 ଟନ୍ | ଭୁବନେଶ୍ୱର-ଛତ୍ରପତି ଶିବାଜୀ ମହାରାଜ ଟର୍ମିନସ | F-1 | 06.04.2023,1540 ଘଟିକା |
| 59 | 22819, 4 ଟନ୍ | ଭୁବନେଶ୍ୱର-ବିଶାଖାପାଟଣା | F-1 | 06.04.2023,1550 ଘଟିକା |

ଲଟ୍ ଆରମ୍ଭ ତାରିଖ ଓ ସମୟ : 05.04.2023, 1100 ଘଟିକା (କ୍ରମ ସଂ. 1 ରୁ 29 ପାଇଁ) ଏବଂ 06.04.2023, 1030 ଘଟିକା (କ୍ରମ ସଂ. 30 ରୁ 59 ପାଇଁ), ସର୍ବନିମ୍ନ ବୃଦ୍ଧି: 0.20% (କ୍ରମ ସଂ. 1 ରୁ 59 ପାଇଁ), ଲଟ୍ ସ୍ଥିତି : ଡ୍ରାଫ୍ଟ କ୍ୟାଟାଲଗରେ ନୂଆ (କ୍ରମ ସଂ. 1 ରୁ 59 ପାଇଁ) ।

ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ।

PR-1100/N/22-23 ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼



**ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବ୍ରହ୍ମପୁର**

Head Office, At/P.O.- Town Hall Road,
Brahmapur- 760 001, District- Ganjam, Odisha
Phone No. 0680-2221973, E-mail: cocenbank@rediffmail.com

ନୋଟିସ ନଂ.-୩୪୮୨/୨୦୨୨-୨୩ ତା ୨୧.୦୩.୨୦୨୩

**ସୂଚନା**

ଏତଦ୍ୱାରା ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବ୍ରହ୍ମପୁର ଅନ୍ତର୍ଗତ ସମସ୍ତ ଅଂଶୀଦାର ସଭ୍ୟମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବ୍ୟାଙ୍କର ୭୭ତମ ବାର୍ଷିକ ସାଧାରଣ ସଭା ଆସନ୍ତା ତା୨୬।୦୩।୨୦୨୩ରିଖ (ରବିବାର) ଦିନ ପରିବର୍ତ୍ତେ ଅନିବାର୍ଯ୍ୟ କାରଣବଶତଃ ତା୨୯।୦୩।୨୦୨୩ରିଖ (ବୁଧବାର) ଦିନ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ପୁନଃ ନିର୍ଦ୍ଧାରଣ କରାଗଲା। ଉକ୍ତ ବୈଠକରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଯୋଗଦାନ କରିବା ପାଇଁ ସମସ୍ତ ଯୋଗ୍ୟ ବିବେଚିତ ସଭ୍ୟମାନଙ୍କୁ ଅନୁରୋଧ କରାଯାଉଅଛି।

ବି.ଦ୍ର.- ପ୍ରତ୍ୟେକ ସଭ୍ୟ ଅନୁଷ୍ଠାନରୁ ଜଣେ ମାତ୍ର ସ୍ୱୀକୃତିପ୍ରାପ୍ତ ପ୍ରତିନିଧି ଉକ୍ତ ବୈଠକରେ ଯୋଗଦାନ କରିପାରିବେ ଏବଂ ତା୨୯।୦୩।୨୦୨୩ରିଖ (ବୁଧବାର) ଦିନ ପୂର୍ବାହ୍ନ ଘ.୧୧.୩୦ଠାରୁ ବ୍ରହ୍ମପୁର ମୁଖ୍ୟ କାର୍ଯ୍ୟାଳୟରେ ନିଜର ନାମ, ଅନୁଷ୍ଠାନର ନିର୍ଦ୍ଧାରଣର ଅବିକଳ ନକଲ ଦେଇ ପଞ୍ଜୀକରଣ କରିବାକୁ ପ୍ରତିନିଧିମାନଙ୍କୁ ଅନୁରୋଧ କରାଗଲା।

ପରିଚାଳନା ପରିଷଦଙ୍କ ଆଦେଶକ୍ରମେ
ସ୍ୱା./- କରୁଣାକର ହାଁସଦା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ
ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବ୍ରହ୍ମପୁର



**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-5249 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.1540/RE/OSIC Dt.22.03.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of **"Supply and installation of 2000 Ltr. Solar Dual Pump system in existing tube well including extension of pipe line in different village" and "Supply and installation 5000 Ltr. Solar Dual Pump system in existing tube well including 15 House extension of pipe line in different village under DMF 2022-23 in the District of Koraput"**. Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-
OIPR-14073/11/0173/2223 GENERAL MANAGER(O)



**ଦେବୋତ୍ତର କାର୍ଯ୍ୟାଳୟ, ଆଠଗଡ଼**

ସଂଖ୍ୟା ୩୮ / ତାରିଖ ୧୬।୩।୨୩

**ନୋଟିସ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଠଗଡ଼ ଦେବୋତ୍ତର ପରିଚାଳନାଧୀନ ସମସ୍ତ ସୈରାତ ଉତ୍ସଗୁଡ଼ିକୁ ୨୦୨୩-୨୦୨୪ ଆର୍ଥିକ ବର୍ଷ ନିମନ୍ତେ ଜଉମୁଦଦିଆ ଟେଣ୍ଡର ସୂତ୍ରେ ନିଲାମ କରାଯିବା ପାଇଁ ଆହ୍ୱାନ କରାଯାଉଅଛି । ସବିଶେଷ ବିବରଣୀ ଓ ସର୍ତ୍ତାବଳୀ ଦେବୋତ୍ତର କାର୍ଯ୍ୟାଳୟ, ଆଠଗଡ଼ରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ଉପଲବ୍ଧ ହେବ, ତଥା ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ (cuttack.nic.in)ରେ ଉପଲବ୍ଧ।

| କ୍ରମିକ ନମ୍ବର | ଠାକୁରଙ୍କ ନାମ ଓ ସୈରାତ ନାମ | ଧାର୍ଯ୍ୟ ଦର | ଅମାନତ ଦେୟ |
|---|---|---|---|
| 1 | 2 | 3 | 4 |
| ୧ | ସାଇକେଲ୍ ଷ୍ଟାଣ୍ଡ (ମଙ୍ଗେଶ୍ୱର ପଟ) (୧ଟି) | ଟ୩୦,୧୦,୭୦୦/- | ଟ୩,୦୧,୦୭୦/- |
| ୨ | ଭୋଗ ଦୋକାନ (୧ଟି) | ଟ୨୧,୪୬,୪୩୬/- | ଟ୨,୧୪,୬୪୫/- |
| ୩ | ଦୀପ, ଦହି, କ୍ଷୀର ଦୋକାନ (୧ଟି) | ଟ୨୮,୮୪,୨୦୦/- | ଟ୨,୮୮,୪୨୦/- |
| ୪ | ଜୋତା ଷ୍ଟାଣ୍ଡ (୧ଟି) | ଟ୧୧,୫୬,୮୭୦/- | ଟ୧,୧୫,୬୮୭/- |
| ୫ | ପୁରିମିଠା (୧ଟି) | ଟ୧,୪୨,୦୦୦/- | ଟ୧୪,୨୦୦/- |
| ୬ | ନଡ଼ିଆ, କଦଳୀ, ଧୂପ, ଭାସ୍କର (୧ଟି) | ଟ୧୩,୨୦,୦୦୦/- | ଟ୧,୩୨,୦୦୦/- |
| ୭ | ଚାଟ ଦୋକାନ (୧ଟି) | ଟ୬୬,୫୦୦/- | ଟ୬,୬୫୦/- |
| ୮ | ଖିଲିପାନ (୧ଟି) | ଟ୧,୭୬,୦୦୦/- | ଟ୧୭,୬୦୦/- |
| ୯ | ଥଣ୍ଡା ଦୋକାନ (୧ଟି) | ଟ୫,୬୭,୬୦୦/- | ଟ୫୬,୭୬୦/- |
| ୧୦ | ଆଖୁରସ (୧ଟି) | ଟ୧,୧୦,୦୦୦/- | ଟ୧୧,୦୦୦/- |
| ୧୧ | ଚା ଦୋକାନ (୧ଟି) | ଟ୧,୦୬,୦୦୦/- | ଟ୧୦,୬୦୦/- |
| ୧୨ | ଚୁଡ଼ି ଦୋକାନ (୧ଟି) | ଟ୫୫,୦୦୦/- | ଟ୫,୫୦୦/- |
| ୧୩ | ବହି, ଫଟୋ, କଡ଼ମାଳି ଓ ମନୋହରୀ (୧) | ଟ୩,୧୨,୪୦୦/- | ଟ୩,୦୧,୦୭୦/- |
| ୧୪ | ଶ୍ରୀ ରାଧାଗୋବିନ୍ଦ ଦେବଙ୍କ ଆମ୍ବ ବଗାୟତ ଫଳ | ଟ୫୨,୨୫୦/- | ଟ୫,୨୨୫/- |
| ୧୫ | ଶ୍ରୀ ସର୍ପେଶ୍ୱର ଦେବଙ୍କ ଭୋଗ ଓ ଦୀପ ଦୋକାନ | ଟ୩୦,୮୦୨/- | ଟ୩,୦୮୦/- |

ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ଆଠଗଡ଼



**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 2938/PSC Dt.21.03.2023**
**(1E-22-22/23) (DR-II)**

No. D-349: It is for information of all concerned that, pursuant to the Advertisement No. 4 of 2022-2023, 530 (Five Hundred Thirty) candidates, bearing following roll numbers have been allowed to appear the interview to determine their eligibility for recuritment to the Post of Assistant Agriculture Officer. The interview in respect of the following candidates will be held in the Office of the Commission at 19, Dr. P.K. Parija Road, Cuttack - 753001 from 10.04.2023 to 18.04.2023 (Except Govt. Holiday) as per the programme mentioned below.

| Date | Time of Document Verification | Time of Interview | Roll No. of Candidates | | |
|---|---|---|---|---|---|
| | | | Board - I | Board - II | Board - III |
| 10.04.2023 | 9.00 A.M. | 10.45 A.M. | 100010, 100036, 100044, 100046, 100050, 100054, 100064, 100073, 100078, 100094, 100103, 100106, 100110 & 100129 = 14 Candidates | 100133, 100149, 100152, 100156, 100163, 100180, 100201, 100216, 100227, 100228, 100241, 100246, 100248 & 100250 = 14 Candidates | 100259, 100277, 100301, 100306, 100307, 100334, 100345, 100347, 100354, 100392, 100394, 100399, 100427 & 100444 = 14 Candidates |
| | 1.00 P.M. | 3.00 P.M. | 100445, 100480, 100484, 100511, 100515, 100520, 100531, 100544, 100559 & 100560 = 10 Candidates | 100565, 100592, 100598, 100618, 100625, 100644, 100649, 100657, 100666 & 100680 = 10 Candidates | 100686, 100691, 100694, 100740, 100759, 100782, 100803 100844, 100845 & 100849 = 10 Candidates |
| 11.04.2023 | 9.00 A.M. | 10.45 A.M. | 100868, 100877, 100884, 100895, 100896, 100899, 100907, 100932, 100950, 100953, 100955, 100970, 100984, 100991, 101013 & 101024 = 16 Candidates | 101027, 101031, 101033, 101050, 101074, 101089, 101101, 101107, 101123, 101136, 101144, 101150, 101151, 101162, 101183 & 101192 = 16 Candidates | 101215, 101217, 101253, 101283, 101287, 101303, 101313, 101319, 101337, 101345, 101346, 101379, 101389, 101395, 101399 & 101401 = 16 Candidates |
| | 1.00 P.M. | 3.00 P.M. | 101411, 101416, 101422, 101455, 101459, 101467, 101486, 101499, 101502 & 101512 = 10 Candidates | 101524, 101531, 101548, 101564, 101571, 101579, 101588, 101597, 101600 & 101619 = 10 Candidates | 101625, 101651, 101658, 101662, 101664, 101666, 101667, 101679, 101682 & 101688 = 10 Candidates |
| 12.04.2023 | 9.00 A.M. | 10.45 A.M. | 101693, 101708, 101709, 101713, 101715, 101718, 101719, 101727, 101749, 101752, 101756, 101779, 101787, 101806, 101807 & 101816 = 16 Candidates | 101819, 101821, 101823, 101841, 101844, 101849, 101854, 101865, 101876, 101885, 101925, 101929, 101941, 101949, 101953 & 101988 = 16 Candidates | 101995, 101996, 102013, 102022, 102030, 102057, 102088, 102093, 102097, 102107, 102160, 102164, 102166, 102177, 102179 & 102188 = 16 Candidates |
| | 1.00 P.M. | 3.00 P.M. | 102217, 102232, 102233, 102239, 102253, 102256, 102261, 102263, 102267 & 102297 = 10 Candidates | 102300, 102309, 102320, 102323, 102334, 102343, 102354, 102355, 102358 & 102373 = 10 Candidates | 102389, 102392, 102405, 102417, 102419, 102420, 102429, 102439, 102446 & 102459 = 10 Candidates |
| 13.04.2023 | 9.00 A.M. | 10.45 A.M. | 102466, 102480, 102485, 102487, 102513, 102520, 102528, 102532, 102585, 102590, 102608, 102632, 102642, 102644, 102669 & 102674 = 16 Candidates | 102675, 102694, 102704, 102707, 102714, 102719, 102726, 102732, 102748, 102756, 102757, 102758, 102779, 102802, 102810 & 102812 = 16 Candidates | 102813, 102818, 102823, 102829, 102835, 102848, 102884, 102897, 102901, 102920, 102935, 102940, 102945, 102956, 102970 & 102980 = 16 Candidates |
| | 1.00 P.M. | 3.00 P.M. | 103029, 103031, 103037, 103041, 103043, 103053, 103055, 103077, 103093 & 103094 = 10 Candidates | 103111, 103133, 103145, 103147, 103176, 103193, 103195, 103196, 103205 & 103207 = 10 Candidates | 103211, 103241, 103251, 103270, 103279, 103290, 103344, 103346, 103352 & 103357 = 10 Candidates |
| 15.04.2023 | 9.00 A.M. | 10.45 A.M. | 103370, 103371, 103374, 103378, 103383, 103392, 103396, 103421, 103442, 103443, 103449, 103462, 103467, 103468, 103490 & 103491 = 16 Candidates | 103496, 103507, 103545, 103552, 103577, 103582, 103583, 103609, 103610, 103617, 103625, 103633, 103647, 103650, 103655 & 103666 = 16 Candidates | 103696, 103697, 103698, 103702, 103717, 103721, 103745, 103754, 103765, 103788, 103794, 103806, 103810, 103812, 103820 & 103839 = 16 Candidates |
| | 1.00 P.M. | 3.00 P.M. | 103844, 103845, 103878, 103884, 103907, 103916, 103928, 103929, 103969 & 103990 = 10 Candidates | 103995, 103996, 103999, 104002, 104018, 104022, 104023, 104033, 104035 & 104044 = 10 Candidates | 104045, 104065, 104071, 104082, 104122, 104134, 104143, 104149, 104154 & 104157 = 10 Candidates |
| 17.04.2023 | 9.00 A.M. | 10.45 A.M. | 104166, 104184, 104213, 104217, 104240, 104248, 104254, 104268, 104271, 104276, 104312, 104315, 104321, 104329, 104366 & 104375 = 16 Candidates | 104378, 104382, 104396, 104401, 104435, 104439, 104446, 104451, 104458, 104473, 104504, 104505, 104507, 104522, 104545 & 104560 = 16 Candidates | 104577, 104580, 104582, 104583, 104590, 104594, 104595, 104607, 104614, 104616, 104627, 104629, 104634, 104642, 104654 & 104668 = 16 Candidates |
| | 1.00 P.M. | 3.00 P.M. | 104669, 104682, 104705, 104708, 104734, 104747, 104759, 104779, 104792 & 104807 = 10 Candidates | 104841, 104844, 104847, 104861, 104864, 104865, 104869, 104881, 104891 & 104905 = 10 Candidates | 104926, 104928, 104934, 104936, 104945, 104975, 104988, 104992, 104996 & 105011 = 10 Candidates |
| 18.04.2023 | 9.00 A.M. | 10.45 A.M. | 105014, 105027, 105032, 105049, 105056, 105066, 105072, 105077, 105080, 105082, 105084, 105088, 105120, 105127 & 105135 = 15 Candidates | 105181, 105185, 105191, 105197, 105212, 105216, 105239, 105240, 105243, 105244, 105257, 105262, 105269, 105272 & 105279 = 15 Candidates | 105285, 105312, 105320, 105327, 105333, 105370, 105400, 105424, 105435, 105436, 105441, 105444, 105446, 105465 & 105466 = 15 Candidates |
| | 1.00 P.M. | 3.00 P.M. | 105470, 105486, 105489, 105494, 105510, 105530, 105540 & 105544 = 08 Candidates | 105550, 105581, 105595, 105602, 105604, 105614, 105615 & 105621 = 08 Candidates | 105625, 105628, 105637, 105650, 105674, 105678 & 105685 = 07 Candidates |

The candidates are required to come with hard-copies of online application forms (indicating their Roll Nos. at the top right corner), four passport size photographs, self-attested copies of all relevant certificates, documents, proof of identity etc. with original of the same as per para - 9 of the aforesaid advertisement and duly filled in "Attestation Form" & "Bio-Data Form" (to be downloaded from the website of the Commission) and submit the same in person on the day of verification. While submitting the hard copy of online application form you are requested to mask the Mobile No./alternatively Mobile No. and Email ID through blackening.

It is also made clear that the candidature of these candidates for the recruitment is purely provisional. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

Mere participation in the document verification does not reserve any right to appear the Viva Voce Test. The candidates shall be allowed to the Viva Voce Test on the scheduled date & time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**N.B.:** The candidates are advised to report at the Office of the Commission half an hour before the commencement of verification of original certificates & documents on their scheduled dates & time as mentioned against each.

**OIPR-12002/11/0293/2223** **Sd./- Secretary**

# ମହୁରୀ ରାଜା ପ୍ରଧାନ ସେବକ : ଦେଶୀ ବେହେରା ଦମ୍ପତି ମା', ବାପା

ନରସିଂହ ସାହୁ
ବ୍ରହ୍ମପୁର ଅଫିସ,୨୨।୩

ବ୍ରହ୍ମପୁର ବୁଢ଼ୀ ଠାକୁରାଣୀ ଯାତ୍ରା ଗଞ୍ଜାମ ଜିଲା ସମେତ ଦକ୍ଷିଣ ଓଡ଼ିଶା ଏବଂ ଉତ୍ତରପୂର୍ବ ଆନ୍ଧ୍ରପ୍ରଦେଶରେ ପ୍ରସିଦ୍ଧଲାଭ କରିଛି। ଏହି ଯାତ୍ରା କେବେଠୁ ଆରମ୍ଭ ହୋଇଛି ତାହାର ନିର୍ଦ୍ଦିଷ୍ଟ ତଥ୍ୟ ନ ଥିଲେ ମଧ୍ୟ ଐତିହାସିକଙ୍କ ଆକଳନ ଅନୁସାରେ ୧୭ ଶହ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ମହୁରୀ ରାଜା ହରିହର ନରେନ୍ଦ୍ର ଦେବ ଦକ୍ଷିଣ ଭାରତର ରାଜମହେନ୍ଦ୍ରି ଭ୍ରମଣରେ ଯାଇଥିଲେ। ସେଠାର ତେଲୁଗୁ ବୁଣାକାରଙ୍କ ସୂକ୍ଷ୍ମ ପାଟଶାଢ଼ୀ ବୁଣା ଏବଂ ସେମାନଙ୍କ ପକ୍ଷରୁ ଚାଲିଥିବା ଠାକୁରାଣୀ ଯାତ୍ରା ଦେଖି ମୁଗ୍ଧ ହୋଇଥିଲେ। ସେଠାର ଡେରା ଜାତିର କେତେକ ବୁଣାକାରଙ୍କୁ ନିମନ୍ତ୍ରଣ କରି ଆଣିଥିଲେ। ସେମାନଙ୍କ ମୁଖିଆ ଥିଲେ ଦେଶୀ ବେହେରା। ତେଣୁ ବ୍ରହ୍ମପୁର ବଡ଼ବଜାର ଅଞ୍ଚଳରେ ରାଜା ହରିହର ସ୍ୱତନ୍ତ୍ର କଲୋନୀ ନିର୍ମାଣ କରି ତା'ର ନାମ ଦେଇଥିଲେ ଦେଶୀ ବେହେରା ସାହି।

ସେହିପରି ଡେରାମାନଙ୍କ ଦ୍ୱାରା ଠାକୁରାଣୀଙ୍କୁ ଆଣି କଂସାରି ସାହି ନିକଟରେ ମନ୍ଦିର ନିର୍ମାଣ କରି ବିଗ୍ରହ ସ୍ଥାପନ କରାଯାଇଥିଲା। ସ୍ୱପ୍ନରେ କୁଆଡ଼େ ଠାକୁରାଣୀ ଦେଶୀ ବେହେରାଙ୍କୁ ବାପା ଓ ତାଙ୍କ ସ୍ତ୍ରୀଙ୍କୁ ମା' ବୋଲି କହିଥିଲେ। ୨ ବର୍ଷରେ ଥରେ ମନ୍ଦିରରୁ ବାପଘରକୁ ଆସିବା ଓ ଯାତ୍ରା କରାଯିବାର ବିଧି ରହିଛି। ଠାକୁରାଣୀ ଯାତ୍ରାର ପ୍ରାଚୀନ ପରମ୍ପରା ଅଛି। ଯାତ୍ରା ଆରମ୍ଭର ଦ୍ୱିତୀୟ ଦିବସରେ ଘଟ ହାଣ୍ଡି ଦେଶୀ ବେହେରାଙ୍କ ଘର ଆଗରେ ଅସ୍ଥାୟୀ ମଣ୍ଡପକୁ ଯିବ। ମୁଖ୍ୟଘଟ ଦେଶୀ ବେହେରାଙ୍କ ସ୍ତ୍ରୀ ମୁଣ୍ଡାଇବେ ଏବଂ ଆଉ ୮ ପାର୍ଶ୍ୱ ଘଟ ଡେରା ଜାତିର ସେନାପତିମାନଙ୍କ ସ୍ତ୍ରୀ ବା ପରିବାରର ଅନ୍ୟ ମହିଳା ମୁଣ୍ଡାଇବା ପରମ୍ପରା ଅଛି। ସ୍ୱତନ୍ତ୍ର ମାଟିରେ ନିର୍ମିତ ଘଟ ହାଣ୍ଡିଗୁଡ଼ିକ ଶିଳ୍ପାଞ୍ଚଳସ୍ଥ କୁମ୍ଭାରପଲ୍ଲୀରେ ଆର.ରାଜେନ୍ଦ୍ର ତିଆରି କରିଥାନ୍ତି। ଅପରପକ୍ଷରେ ତୃତୀୟ ଦିବସରେ ଘଟ ପରିକ୍ରମା ଆରମ୍ଭ ହୋଇଥାଏ। ମହୁରୀ ରାଜା ଠାକୁରାଣୀଙ୍କ ପ୍ରଧାନ ସେବକ ହୋଇଥିବାରୁ ପ୍ରଥମ ସନ୍ଧ୍ୟାରେ ବାଦ୍ୟ ବାଜଣା ସହ ଭକ୍ତଙ୍କ ଗହଣରେ ଘଟ ଯାତ୍ରା ମଣ୍ଡପରୁ ବାହାରି ପ୍ରଥମେ ରାଜବାଟୀକୁ ଯାଇଥାଏ। ସେଠାରେ ରାଜା ପୂଜାର୍ଚ୍ଚନା କରିବା ପରେ ଠାକୁରାଣୀ ମଣ୍ଡପକୁ ଫେରି ଆସିଥାନ୍ତି। ପରବର୍ତ୍ତୀ ସମୟରେ ସାନ ଓ ବଡ଼ବଜାର ଏବଂ ପୁରୁଣା ବ୍ରହ୍ମପୁରର ବିଭିନ୍ନ ସାହିରେ ଘଟ ବୁଲିବା ସହ ବାସିନ୍ଦାଙ୍କୁ ଘର ଆଗରେ ଠାକୁରାଣୀ ଦର୍ଶନ ଦେଇଥାନ୍ତି। ଯାତ୍ରା ଦାଣ୍ଡକୁ ସର୍ବପ୍ରଥମେ ବିଛଣା ରଥକୁ ଠାକୁରାଣୀ ଶୁଭାରମ୍ଭ କରିବାର ବିଧି ରହିଛି। ଯାତ୍ରା ଅବଧି ମଧ୍ୟରେ ବିଭିନ୍ନ ଛକ ଓ ସାହିରେ ଦେବଦେବୀଙ୍କ ଚିତ୍ତାକର୍ଷକ ରଥ ଓ ଏକାଧିକ କଳାକୁଞ୍ଜ ଖୋଲାଯାଇଥାଏ।

ଅନ୍ୟ ଏକ ପରମ୍ପରା ଅନୁସାରେ ଯାତ୍ରା ଅବଧି ମଧ୍ୟରେ ଠାକୁରାଣୀ ତାଙ୍କ ମାଉସୀ ବୈଶ୍ୟ ଜାତିର ଶ୍ରୀନୁ ସେନାପତିଙ୍କ ଘରକୁ ଏକାଧିକ ଥର ଯାଇଥାନ୍ତି। ଏହାର ଏକ କିମ୍ବଦନ୍ତୀ ରହିଛି। କେଉଁ ଆବହମାନ କାଳରେ ଜଉରା ସାହି ଘଟ ବୁଲିବା ବେଳେ ଅଚାନକ ଝଡ଼ବର୍ଷା ହୋଇଥିଲା। ତେଣୁ ଘଟ ମୁଣ୍ଡାଇଥିବା ଯାତ୍ରା ବେଳର ଚଳନ୍ତି ଠାକୁରାଣୀ ସେନାପତିଙ୍କ ଘରକୁ ବିଜେ କରିଥିଲେ। ପରେ ସ୍ୱପ୍ନରେ ଆଶ୍ରୟ ଦେଇଥିବାରୁ ତୁମେ ମୋର ମାଉସୀ ବୋଲି କହିଥିଲେ। ଯାତ୍ରା ଅବଧିରେ ଏକାଧିକ ଥର ଘରକୁ ଯିବାର ଠାକୁରାଣୀ କୁଆଡ଼େ କହିଥିଲେ। ସେହି ପ୍ରକାରେ ବିଧି ରହିଛି।

## ବ୍ରହ୍ମପୁର ଠାକୁରାଣୀ ଯାତ୍ରାର ପ୍ରାଚୀନ ପରମ୍ପରା

ଯାତ୍ରା ଆରମ୍ଭର ୫ମ ଦିବସରେ ଦେଶୀ ବେହେରା ସାହି ପୂଜା ମଣ୍ଡପ ସାମ୍ନାରେ ସ୍ଥାପନ କରାଯାଏ ଧର୍ମଝଣ୍ଡା। ଏହି ଝଣ୍ଡା ଯାତ୍ରା ଗହଳିର ସମସ୍ତ ସ୍ଥିତି ଏବଂ ଧର୍ମ ଓ ଅଧର୍ମ ଘଟଣା ଅନୁଧ୍ୟାନ କରୁଥିବା ପରମ୍ପରା ରହିଛି। ମା'ଙ୍କ ଦର୍ଶନ ପାଇଁ ଆସୁଥିବା ମହିଳା ଶ୍ରଦ୍ଧାଳୁମାନେ ଧର୍ମଝଣ୍ଡାକୁ ପୂଜାର୍ଚ୍ଚନା କରନ୍ତି। ଯାତ୍ରା ଶେଷ ରାତ୍ରରେ ଠାକୁରାଣୀ ମନ୍ଦିର ବାହୁଡ଼ା ବେଳେ ଭାର ନେବାର ମଧ୍ୟ ପରମ୍ପରା ଅଛି। ଭାରରେ ମୁଆଁ, ଉଖୁଡ଼ା, ବିଭିନ୍ନ ଖଜା, ଜିଅନ୍ତା କୁକୁଡ଼ା ଓ ଅନ୍ୟାନ୍ୟ ସାମଗ୍ରୀ ଥାଏ। ଭାରକୁ ଠାକୁରାଣୀଙ୍କ ଭାଇ କୁହାଯାଇଥାଏ, ଜଣେ ମୋଚି ଜାତିର ଲୋକ ଧରିଥାଏ। ଯାତ୍ରା ବେଳେ ମାନସିକଧାରୀମାନେ ବିଭିନ୍ନ ବେଶ ପକାଇଥାନ୍ତି। ବାଘନାଚ ସମେତ ଦେବଦେବୀଙ୍କ ବେଶରେ ସଜ୍ଜିତ ହୋଇ ସାହିକୁ ସାହି ବୁଲିଥାନ୍ତି। ବାହୁଡ଼ାଣି ଯାତ୍ରା ବେଳେ ହଜାର ହଜାର ମାନସିକଧାରୀ ମହିଳା ଛୋଟ ଘଟ ମୁଣ୍ଡେଇ ମା'ଙ୍କ ନିଜସ୍ୱ ମନ୍ଦିର ପର୍ଯ୍ୟନ୍ତ ଯାଇଥାନ୍ତି। ସେଠାରେ ସବୁ ଘଟ ମନ୍ଦିର ବେଢ଼ାରେ ବିସର୍ଜନ ହୁଏ। ପରମ୍ପରା ଅନୁସାରେ ଯାତ୍ରା ଶେଷରେ ମନ୍ଦିରରେ ଛାଗ ବଳି ମଧ୍ୟ ଦିଆଯାଏ। ଚଳିତ ବର୍ଷର ଯାତ୍ରା ଅବଧି କେତେଦିନ ତାହା ଅସ୍ପଷ୍ଟ ରହିଛି। ତେବେ ସମସ୍ତ ପ୍ରାକ୍ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଦେଶୀ ବେହେରାଙ୍କ ବାସଭବନରେ ଠାକୁରାଣୀଙ୍କ ମିନି ମନ୍ଦିରରେ ସବୁଦିନ ପୂଜାର୍ଚ୍ଚନା କରାଯାଏ।



ମା ବୁଢ଼ୀ ଠାକୁରାଣୀ ।



ମା'ଙ୍କ ଘଟ ପସରା



ମା'ଙ୍କ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଭିଡ ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com



@ ପ୍ରେରଣା



@ ଦେବେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଆଜି କ'ଣ କେଉଁଠି

ବ୍ରହ୍ମପୁର
- ଭାଜପା ପକ୍ଷରୁ ଦାବି ପତ୍ର। ସ୍ଥାନ-ବିଡିଏ କାର୍ଯ୍ୟାଳୟ,ସମୟ-ପୂର୍ବାହ୍ନ ସାଢେ ୧୧ଟା।
- ଗଞ୍ଜାମ ଓକିଲ ସଂଘର ଖବରଦାତା ସମ୍ମିଳନୀ। ସ୍ଥାନ-ଓକିଲ ସଂଘ ସମ୍ମିଳନୀ କକ୍ଷ, ସମୟ-ଅପରାହ୍ନ ୩ଟା।

ବୁଗୁଡ଼ା
- ସମିତି ସ୍ତରୀୟ ବ୍ୟାଙ୍କି ସେବା ଓ ଋଣ କର୍ମଶାଳା। ସ୍ଥାନ-ଏ କରଡାବାଡି ପଞ୍ଚାୟତ କର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୧ଟା।

## ମହିଳାଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨୨।୩ :** ପାରିବାରିକ ଅଶାନ୍ତିରୁ ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ରାତିରେ ବିଷପାନ କରି ଗୁରୁତର ଥିବା ମହିଳାଙ୍କର ବ୍ରହ୍ମପୁର ବଡ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ପ୍ରିୟଙ୍କା ବରାଡ଼। ନିମଖଣ୍ଡି ପୋଲିସ ବୁଧବାର ମୃତଦେହ ଜବତ କରି ନଂ.୯/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପ୍ରକାଶ ଯେ, ବଡବଜାର ଥାନା ଅନ୍ତର୍ଗତ ହରିଡାଖଣ୍ଡିର କାଳୁ ସ୍ୱାଇଁଙ୍କ ଝିଅ ପ୍ରିୟଙ୍କାଙ୍କୁ ଚଣ୍ଡୀପଦର ଗ୍ରାମର ଅଜିତ ବରାଡ଼ ଗତ ତିନିବର୍ଷ ତଳେ ବିବାହ କରିଥିଲେ। ଉଭୟଙ୍କ ମଧରେ କୌଣସି କାରଣକୁ କେନ୍ଦ୍ରକରି କିଛି ମାସ ହେଲା କଳହ ଲାଗିରହିଥିଲା। ମଙ୍ଗଳବାର ରାତିରେ ପ୍ରିୟଙ୍କା ବିଷପାନ କରିଥିଲେ।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଧାତ୍ମିକ ଚିତ୍ର ପ୍ରଦର୍ଶନୀ

**ବ୍ରହ୍ମପୁର ଅଫିସ,୨୨।୩ :** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଧବଳେଶ୍ୱର ପୀଠରେ ସପ୍ତାହ ବ୍ୟାପୀ ଦ୍ୱାଦଶ ଜ୍ୟୋର୍ତିଲିଙ୍ଗ ତଥା ଆଧାତ୍ମିକ ଚିତ୍ର ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ଦିରର ସହ ସମ୍ପାଦକ ଏ. ପୁରୁଷୋତ୍ତମ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ବ୍ରହ୍ମା କୁମାରୀସ ବ୍ରହ୍ମପୁର ସବ୍‌ଜୋନ୍ ନିର୍ଦ୍ଦେଶିକା ମଞ୍ଜୁ ଯୋଗ ଦେଇଥିଲେ। ରାମଚନ୍ଦ୍ରପୁରସ୍ଥିତ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ନିର୍ଦ୍ଦେଶିକା ମାଳା ପ୍ରବଚନ କାର୍ଯ୍ୟକ୍ରମ ପରିଚାଳନା ପୂର୍ବକ କହିଥିଲେ, ସୃଷ୍ଟି ଚକ୍ର, ପୂର୍ନ ଜନ୍ମ ରହସ୍ୟ, କଳ୍ପ ବୃକ୍ଷ, ରଚନା ଓ ରଚୟିତାଙ୍କର ଯଥାର୍ଥ ପରିଚୟ ଦ୍ୱାରା ମନୁଷ୍ୟ ମନରୁ ଗୁଣ ଦୂରିଭୂତ ହୋଇଥାଏ। କାର୍ଯ୍ୟକ୍ରମରେ ବ୍ରହ୍ମପୁର, ଆସ୍କା, ଡେଙ୍ଗାଓସ୍ତା, ଛତ୍ରପୁର, କବିସୂର୍ଯ୍ୟନଗର ସେବା କେନ୍ଦ୍ରର ବହୁ କର୍ମଚାରୀ ଯୋଗ ଦେଇଥିଲେ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ବିଶ୍ୱ ଜଳ ଦିବସ



ଗୋପାଳପୁର ବେଳାଭୂମିଠାରେ ଜଳଦିବସରେ ଉପସ୍ଥିତ ଛାତ୍ରୀଛାତ୍ର ।

ବ୍ରହ୍ମପୁର ଅଫିସ,୨୨।୩

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିବେଶ ବିଜ୍ଞାନ ବିଭାଗ, ୟୁନିସେଫ ୟୁଥ ଫର ୱାଟରପ୍ଲସ ପକ୍ଷରୁ ଗୋପାଳପୁର ବେଳାଭୂମିଠାରେ ବିଶ୍ୱ ଜଳ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମପୁର ଡିଏଫଓ ସୋନି ଖେଖର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପରିବେଶ ବିଜ୍ଞାନ ବିଭାଗ ମୁଖ୍ୟ ଡ.ଅଞ୍ଜନ ପୃଷ୍ଟି ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶେଖର ସାହୁ, ୟୁନିସେଫ ୟୁଥଫର ୱାଟର ପ୍ଲସ୍ ପକ୍ଷରୁ ରଞ୍ଜନ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଖଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ୨ ଓଡ଼ିଶା ଏନ୍‌ସିସି ଆର୍ମି ଓ ବ୍ରହ୍ମପୁର ବନଖଣ୍ଡ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଏନ୍‌ସିସି, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଯୋଗଦେଇ ଗୋପାଳପୁର ବେଳାଭୂମି ସଫେଇ ସହ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରିଥିଲେ। ଅତିଥିମାନେ ମଧୁର ଜଳ ଉତ୍ସ ସମ୍ପର୍କରେ ଆଲୋକପାତ କରିବା ସହ ଏହାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ ଆବଶ୍ୟକ ପନ୍ଥା ଓ ନୂତନ ଉପାୟ ସମ୍ପର୍କରେ ଆଲୋଚନା କରିଥିଲେ।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ ।

ବ୍ରହ୍ମପୁର ଅଫିସ,୨୨।୩

ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଅବସରରେ ବୁଧବାର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷାଣୀନୂଆଗାଁ କେ. ସି.ହାଇସ୍କୁଲ ପଡିଆରେ ରାଷ୍ଟ୍ରୀୟ ନବବର୍ଷ ପାଳନ ହୋଇଥିଲା। ପ୍ରଥମେ ଆଦ୍ୟ ସରସଂଘ ଚାଳକ ପ୍ରଣାମ ପରେ ରାଷ୍ଟ୍ରୀୟ ନବବର୍ଷ ଉପରେ ବକ୍ତାମାନେ ବିଭିନ୍ନ ମନ୍ତବ୍ୟ ଦେଇଥିଲେ। ଏଥିସହ ସଂଘ ପ୍ରତିଷ୍ଠାତା ଡ. ହେଡଗେୱାରଙ୍କ ଜନ୍ମତିଥି ହୋଇଥିବାରୁ ତାଙ୍କ ଜନ୍ମବୃତ୍ତାନ୍ତ ଚର୍ଚ୍ଚା ହୋଇଥିଲା। ଜର୍ଜରିତ ଭାରତବର୍ଷର ହିନ୍ଦୁ ସମାଜ ନିଜର ସଂସ୍କୃତି ଓ ପରମ୍ପରା ଭୁଲିଯାଇଛି। ହିନ୍ଦୁତ୍ୱର ବିଜୟ, ରାଷ୍ଟ୍ରର ଉତ୍ଥାନ ଓ ବୈଭବଶାଳୀ ଭାରତବର୍ଷ ନିର୍ମାଣ ପାଇଁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ କାର୍ଯ୍ୟ କରୁଛି। ସଂଘ ଶାଖା କାର୍ଯ୍ୟବାହ ପିଣ୍ଟୁ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଗବାନ ଚୌଧୁରୀ, ପ୍ରଶାନ୍ତ ସାହୁ, ନରସିଂହ ପାତ୍ର, ରବୀନ୍ଦ୍ର ଶତପଥୀ ଓ ସୁନୀଲ ସାହୁଙ୍କ ସମେତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏମ୍‌କେସିଜିରେ ଅଭିଯୁକ୍ତଙ୍କୁ ଜଗିଛି ପୋଲିସ

ବ୍ରହ୍ମପୁର ଅଫିସ,୨୨।୩

ବ୍ରହ୍ମପୁର ଯୋଗିଆପଲ୍ଲୀରେ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୭ଟାରେ କାର୍ତ୍ତିକ ପାତ୍ରଙ୍କୁ ହତ୍ୟା କରିବା ପାଇଁ ତାଙ୍କ ଉପରକୁ ବୋମାମାଡ କରିବା ବେଳେ ତାହା କାଳିଆ ପାତ୍ରଙ୍କ ହାତରେ ଫୁଟିଥିଲା। ଫଳରେ ଆକ୍ରମଣକାରୀଙ୍କ ଡାହାଣ ହାତର ପାପୁଲି ଛିଡ଼ି ଯାଇଥିଲା। ସେହିପରି କାଳିଆ ଯାହାକୁ ଆକ୍ରମଣ କରୁଥିଲେ ସେ ବି ଆହତ ହୋଇଥିଲେ। ସେହିପରି ଏହି ବୋମାମାଡ ଘଟଣାରେ କାଳିଆଙ୍କ ଅନ୍ୟ ଜଣେ ସହଯୋଗୀ ଏନ. ମହେଶ ଦୋରା ଆହତ ହୋଇଥିଲେ। ଗୁରୁତର ଆହତ ହୋଇଥିବା କାଳିଆ ଓ ତାଙ୍କ ସହଯୋଗୀ ମହେଶଙ୍କୁ ପୋଲିସ ଏବେ ଏମ୍‌କେସିଜି ମେଡିକାଲରେ ଜଗି ରହିଛି। କାଳିଆଙ୍କ ବେଡ୍ ନିକଟରେ ଜଣେ ହାବିଲଦାର ଓ ୩ ଜଣ କନ୍‌ଷ୍ଟେବଲ ମୁତୟନ ହୋଇଥିବା ବେଳେ ଆହତ ସନ୍ତୋଷଙ୍କ ବେଡ଼ ନିକଟରେ ଥାନାର ଦୁଇଜଣ କନ୍‌ଷ୍ଟେବଲ ମୁତୟନ ରହିଛନ୍ତି।



ଅଭିଯୁକ୍ତଙ୍କୁ ଜଗିଛି ପୋଲିସ

### ଯୋଗିଆପଲ୍ଲୀରେ ବୋମାମାଡ଼ ଘଟଣା

## ଆଜିଠାରୁ କନଷ୍ଟେବଲ ଶାରୀରିକ ପରୀକ୍ଷା

ବ୍ରହ୍ମପୁର ଅଫିସ,୨୨।୩

ବ୍ରହ୍ମପୁର ପୋଲିସ୍ ଜିଲାର କନଷ୍ଟେବଲ ପଦବୀ ପାଇଁ ଗୁରୁବାରଠାରୁ ଆମ୍ବପୁଆ ପୋଲିସ୍ ରିଜର୍ଭ ପଡ଼ିଆଠାରେ ଶାରିରୀକ ପରୀକ୍ଷା ଅନୁଷ୍ଠିତ ହେବ। ବ୍ରହ୍ମପୁର ପୋଲିସ ଜିଲାରେ ୧୪୬ କନଷ୍ଟେବଲ ପଦବୀ ପାଇଁ ୪ ହଜାରରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ପୂର୍ବରୁ ମୌଖିକ ପରୀକ୍ଷା ଦେଇଥିଲେ। ଏଥିରେ ୭୩୬ ଜଣ କୃତକାର୍ଯ୍ୟ ହୋଇଛନ୍ତି। ତେବେ ଏଥିମଧ୍ୟରୁ ୫୫୫ ଯୁବକ ଓ ୧୮୧ ଯୁବତୀ ଶାରିରୀକ ପରୀକ୍ଷା ଦେବେ ବୋଲି ଜଣାପଡିଛି। ଏହି ପରୀକ୍ଷା ୨୩ ତାରିଖଠାରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗୁରୁବାର କେବଳ ୧୯୧ ଜଣ ଯୁବତୀଙ୍କର ଉଚ୍ଚତା, ଓଜନ ଓ ଦୌଡ଼ ପରୀକ୍ଷା ରହିଛି। ଏଥିପାଇଁ ପୋଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପରୀକ୍ଷା ସୁପରିଚାଳନା ପାଇଁ ବ୍ରହ୍ମପୁର ଏସ୍‌ପି ଡ଼ ସର୍ବଣା ବିବେକ୍ ଏମ୍‌ଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ଅଧିକାରୀ ଓ ୫୦ରୁ ଉର୍ଦ୍ଧ୍ୱ କନଷ୍ଟେବଲ, ହାବିଲଦାର ଉପସ୍ଥିତ ରହିବେ। ଯଦି ବର୍ଷା ହୁଏ ତେବେ ସ୍ଥିତି ଦେଖି ପରୀକ୍ଷା ଘୁଞ୍ଚିବା ସମ୍ଭାବନା ଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ଜାତୀୟ ତମାଖୁ ନିୟନ୍ତ୍ରଣ ଦିବସ

ବ୍ରହ୍ମପୁର ଅଫିସ,୨୨।୩

ଆସ୍କାରୋଡ଼ ସ୍ଥିତ ସରାକାରୀ ପୌର ବାଳିକା ଉଚ୍ଚ ବିଦ୍ୟାଳୟରେ ଜାତୀୟ ତମାଖୁ ନୟନ୍ତ୍ରଣ ଦିବସ ପାଳିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ତ୍ରିପାଠୀ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଆସ୍କାରୋଡ଼ ୟୁପିଏଚସିର ଡ଼ା.ନାରାୟଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଡ଼.ବେହେରା ତମାଖୁ ବ୍ୟବହାରର ଅପକାରିତା ସମ୍ପର୍କରେ ଛାତ୍ରୀଙ୍କୁ ବୁଝାଇଥିଲେ। କୁଇଜ୍ ପ୍ରତିଯୋଗିତାରେ ନବମ ଶ୍ରେଣୀ ଛାତ୍ରୀ ନନ୍ଦିନୀ ପାତ୍ର ପ୍ରଥମ, ଏନ.ପ୍ରାପ୍ତି ରାଣୀ ପାତ୍ର ଦ୍ୱିତୀୟ ଓ ସଂଯୁକ୍ତା ଶବର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଡ଼ିଆ ବାଣୀ ଭଣ୍ଡାରକୁ ସ୍ୱଭାବ କବିଙ୍କ ଅବଦାନ ଅତୁଳନୀୟ

ବ୍ରହ୍ମପୁର ଅଫିସ,୨୨।୩

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକୀ ବୁଧବାର ବ୍ରହ୍ମପୁରରେ ପାଳିତ ହୋଇଯାଇଛି। ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କୁକୁଡ଼ାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିବାରେ ସ୍ୱଭାବ କବିଙ୍କ ଅବଦାନ ଅତୁଳନୀୟ ବୋଲି ଦର୍ଶାଇଥିଲେ। ନକବୀନ ଭବନ ପରିସରରେ ଆୟୋଜିତ ସମାବେଶରେ ସଭାପତି ରବି ରଥ ଅଧକ୍ଷତା କରିଥିବା ବେଳେ କୃଷ୍ଣଚନ୍ଦ୍ର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ଜୀବନୀ ଓ ସୃଜନୀ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ପ୍ରାକ୍ତନ ଅଧାପକ ରମେଶ ଚରଣ ତ୍ରିପାଠୀ ସମ୍ମାନିତ ଅତିଥି ଥିଲେ। ସାମାଜିକ କର୍ମୀ ରାମକୃଷ୍ଣ ପାତ୍ର, ଡ. ଡମ୍ବରୁଧର ସାହୁ, ଗଞ୍ଜାମ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଲକ୍ଷ୍ମୀ ଚରଣ ପଣ୍ଡା, ଡା. ସାଗର ରଞ୍ଜନ ତ୍ରିପାଠୀ ସ୍ୱଭାବ କବିଙ୍କ ସାହିତ୍ୟ କୃତିର ପ୍ରାସଙ୍ଗିକତା ଓ ଉପଯୋଗିତା ନେଇ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କବି ତୁଳସୀ ରାମ ମେହେର, ମଞ୍ଜୁ ରଥ, ବିଶ୍ୱନାଥ ପଣ୍ଡା, ରବୀନ୍ଦ୍ର ଆଚାର୍ଯ୍ୟ ଓ ରାକେଶ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ରଞ୍ଜନ କୁମାର ସାହୁ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି

### ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ବାର୍ଷିକୀ

